

ଭଦ୍ରକ ଜିଲା ଧାମନଗର ବ୍ଲକ ଆନନ୍ଦପୁର ଗାଁରେ କୁମାରୀମାନେ ବୃନ୍ଦାବତୀଙ୍କ ପାଖରେ ପୂଜା କରୁଛନ୍ତି।



ବାଲେଶ୍ୱର ଜିଲା ଜଳେଶ୍ୱରରେ କୁମାର ପୂନେଇଁରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

## କୁମାର ପୂନେଇଁରେ କୁଇଜ୍, ଦାଣ୍ଡିଆ ପ୍ରତିଯୋଗିତା

ଜଳେଶ୍ୱର, ୯।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱରରେ ଚଳିତବର୍ଷ ନିଆରା ଢଙ୍ଗରେ କୁମାର ପୂନେଇଁ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ କୁଇଜ୍ ଓ ଦାଣ୍ଡିଆ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ବାଲେଶ୍ୱର ଜିଲା ବ୍ୟୁଟିଫିକେସନ୍ ୱେଲଫେୟାର ଆସୋସିଏଶନ ଅଧ୍ୟକ୍ଷ ନିବେଦିତା ପ୍ରଦାନ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ନୃତ୍ୟଶିକ୍ଷା କଳାନିକେତନର ମୁଖ୍ୟ ସୁଶାନ୍ତ କୁମାର ବେହେରା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷା ରାଜଶ୍ରୀ ପାଣିଗ୍ରାହୀ ଯୋଗ ଦେଇଥିଲେ । ଏଥିରେ ବିଚାରକ ଭାବେ ଡା. ଦୀପ୍ତିମୟୀ ମହାପାତ୍ର, ଅଧ୍ୟାପିକା ଅଞ୍ଜଳି ମିଶ୍ର ଓ ସୁରତି ପ୍ରଧାନ ଯୋଗଦେଇ ଜୁନିୟର ଗ୍ରୁପରେ କୃତିତ୍ୱ ଅର୍ଜନ କରିଥିବା ଦେବୀ ବିଶ୍ୱବନ୍ଦିନୀ ବେହେରା, ଦିବ୍ୟଙ୍କା ପାଳ, ସୁଭଦ୍ରା ଦାସ ଅଧିକାରୀ ଏବଂ ସିନିୟରରେ ମନୋସ୍ମିତା ଜେନା, ଦିପାରାଣୀ ଦାସ ଓ ଲିଶା ବେହେରାଙ୍କୁ ପୁରସ୍କୃତ କରିଥିଲେ। ବ୍ୟୁଟିଫିକେଶନ ୱେଲଫେୟାର ଆସୋସିଏଶନ ସଦସ୍ୟାଗଣ ଓ ପ୍ରଶାନ୍ତ ପ୍ରଧାନ ପରିଚାଳନା କରିଥିଲେ । ଦେବୀ କନ୍ୟା ସେଲୁନ୍ ଓ ମେକ୍‌ଅପ୍ ଷ୍ଟୁଡିଓ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ସଂକ୍ଷେପରେ

#### ୨ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ମୋରଡା,୯।୧୦(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନାରେ ଦୁଇ ନାବାଳିକା ବଳାତ୍କାର ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ପଦ୍ମ ଲୋଚନ ପାଣିଗ୍ରାହୀଙ୍କ ସୂଚନା ମୁତାବକ, ଗତ ଜୁନ ୪ତାରିଖରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ରାସଗୋବିନ୍ଦପୁର ଥାନା ଅଧୀନ ତୋଟାପୋଡ଼ା ଗ୍ରାମର ବିକାଶ ମହାନ୍ତ(୨୪) ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୧୩୩/୨୨) ରୁଜୁ କରି ଫେରାର ଥିବା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ସେହିପରି ଚକୁଳିଆ ଗ୍ରାମର ବିଜୟ(ମଙ୍ଗଲା) ହେମ୍ବ୍ରମ ଜଣେ ନାବାଳିକାଙ୍କୁ ଏକ ଫୁଟବଲ ପଡ଼ିଆରୁ ଅପହରଣ କରି ବଳାତ୍କାର କରିବା ସହିତ ବାରମାଇଲ ପାଖରେ ଛାଡ଼ି ଚାଲି ଯାଇଥିଲେ। ପରେ ଭାଲିଆଡିହା ପଞ୍ଚାୟତର ଅନ୍ୟ ଜଣେ ଯୁବକ ସାମରାୟ ସୋରେନ ପୁଣି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୨୬୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

#### ଡଗରପଡ଼ାରେ ମହମ୍ମଦ ଜୟନ୍ତୀ

ଖଇରା, ୯।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଡଗରପଡାଠାରେ ରବିବାର ମହମ୍ମଦ ଜୟନ୍ତୀ ପାଳିତ ହୋଇ ଯାଇଛି । ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇମାନେ ନିଜ ଓରୁଷ ଗ୍ରାମର ପିରହାଟ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ନରଣପୁର ପର୍ଯ୍ୟନ୍ତ ଯାଇଥିଲେ। ଏଥିରେ ଭାଇଚାରା ପ୍ରତିଷ୍ଠା କରିବା ମୂଳ ଲକ୍ଷ୍ୟ ଥିଲା। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ସମ୍ପ୍ରଦାୟର ଭଉଣୀଭାଇ ଉପସ୍ଥିତ ଥିଲେ। ପରେ ଉଭୟ ହିନ୍ଦୁ ଓ ମସଲିମ ସମ୍ପ୍ରଦାୟର ମହିଳା ପୁରୁଷ ପୁରସ୍ୱରକୁ ଶୁଭେଚ୍ଛା ଜଣାଇ ଭାଇଚାରା ବାଣ୍ଟିଥିଲେ।

# ରାଜ୍ୟରେ ପ୍ରଗତିଶୀଳ ସରକାର ଚାଲିଛି

ବାସୁଦେବପୁର,୯।୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ଏ ନେଇ ବାଲିନଗରସ୍ଥିତ ଯାଦବ ପଡ଼ିଆଠାରେ ଆୟୋଜିତ ସାଧାରଣ ସଭାକୁ ମୁଖ୍ୟ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ରାଜ୍ୟରେ ଏକ ପ୍ରଗତିଶୀଳ ସରକାର ଚାଲିଛି। ଜନକଲ୍ୟାଣକାରୀ ଯୋଜନାର ସୁଫଳ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରୁଛି ବୋଲି କହିଥିଲେ। ଏଥି ସହ ଆସନ୍ତା ୨୦୨୪ରେ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି



ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତୃ ମଣ୍ଡଳୀ।

ସୁରେଶ ଚନ୍ଦ୍ର ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଧାୟକ ପ୍ରତିନିଧି ଅସିତ୍ ଦାସ, ପୌରାଧ୍ୟକ୍ଷା ନିବେଦିତା ବେହେରା, ବ୍ଲକ୍ ବିଜେଡି ସଭାପତି ଜଗବନ୍ଧୁ ଖିଲାର, ନଗର ସଭାପତି ମାନସ ସାହୁ, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ରଶ୍ମିତା ନାୟକ, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ, ମହିଳା ନେତ୍ରୀ ଜୟନ୍ତୀ ବାରିକ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ସାମାଜିକ କର୍ମୀ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଶୁଭେନ୍ଦୁ ଭୂଷଣ ବେହେରା, ଛାତ୍ର ବିଜେଡି ସଭାପତି କାଳନ୍ଦୀ ସାହୁ, ଜିଲାପରିଷଦ ସଭ୍ୟ ଯଦୁନାଥ ନାୟକ, ଜୟନ୍ତୀଲତା ବାରିକଙ୍କ ସମେତ ବହୁ ନେତୃମଣ୍ଡଳୀ ମତ ରଖିଥିଲେ। ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ଦେବଦର୍ଶନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳତା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଘଡ଼େଇଙ୍କ ସମେତ ୨ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ପରେ ଯାଦବ ପଡ଼ିଆରୁ ପଦଯାତ୍ରା ବାହାରି ସହର ପରିକ୍ରମା କରି ନୀଳମଣି ଟାଉନ୍‌ହଲ ଠାରେ ଶେଷ ହୋଇଥିଲା।

# ଢେଙ୍କିକୋଟରେ ଧନଦାତ୍ରୀଙ୍କ ପୂଜାର୍ଚ୍ଚନା

ଢେଙ୍କିକୋଟ,୯।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ ବ୍ୟବସାୟ ବ୍ୟସ୍ତବହୁଳ ବଜାର ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଧନଦାତ୍ରୀଙ୍କ ପୂଜାର୍ଚ୍ଚନା କରାଯାଉଛି। କମିଟି ପୂଜା ଚଳିତ ବର୍ଷ ୫୦ ବର୍ଷ ପୂରଣ ହୋଇଛି। ରବିବାର ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ସଞ୍ଜୀବ ସାହୁ, ଦିଗାମ୍ବର ନାୟକ, ମହେଶ୍ୱର ସାହୁ, ତାପସ ଓଝା, ସୁଶାନ୍ତ ସେନାପତି ପ୍ରମୁଖ ପ୍ରଥମେ ଘଟ କଳସ ଆଣିବା ପରେ ସୂର୍ଯ୍ୟ ପୂଜା କରାଯାଇଥିଲା। ପରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ଉପଦେଷ୍ଟା ରବୀନ୍ଦ୍ର ସାହୁ, ଶଙ୍କର୍ଷଣ ସାହୁ, ବିଜୟ ସାହୁ, ବିଜୟ ମଣ୍ଡଳ, ନୀଳମଣି ମଣ୍ଡଳ, ଲକ୍ଷ୍ମୀଧର ସାହୁ, ବିଜୟ ପାଳ, ଅବନୀ ମହାପାତ୍ର, ଦୈତାରୀ ନାୟକ ସହଯୋଗ କରୁଛନ୍ତି। ଲକ୍ଷ୍ମୀପୂଜା ଉପଲକ୍ଷେ ଯାତ୍ରା କମିଟି ତରଫରୁ ରଥ ପଡ଼ିଆରେ ମିନାବଜାର ସାଙ୍ଗକୁ ୩ ଦିନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



## ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ବର୍ଦ୍ଧନା

ପାଟଣା,୯।୧୦(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ସାମାଜିକ ଉନ୍ନୟନ ସଂସ୍ଥା ପକ୍ଷରୁ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ, ଶିକ୍ଷକ, ଛାତ୍ରୀଛାତ୍ର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସନ୍ତୋଷ ବାରିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବ ଶିଳ୍ପପତି ପ୍ରତାପ ଚନ୍ଦ୍ର ସାହୁ, ମୁଖ୍ୟ ବକ୍ତା ଭାବରେ ଶିକ୍ଷକ ଅକ୍ଷୟ ପଲେଇ, ସମ୍ମାନିତ ଅତିଥି ଭାବେ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ଶିକ୍ଷାବିତ୍ ଧରଣୀଧର ଦାସ, ସଂସ୍ଥାର ସଦସ୍ୟ ବଳଭଦ୍ର ନାଏକ, ନିରୂପମା ବେହେରା, ବିନାୟକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ କିରଣମୟୀ



@ କେଶବ



@ ଭରତ



@ ପ୍ରସନ୍ନଜିତ୍



@ ପ୍ରଭାସ



@ ଅର୍ପିତା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# 'ସୁଧୀର ଥିଲେ ସ୍ନେହବତ୍ସଳ ଶ୍ରମିକ ନେତା'

ବାଲେଶ୍ୱର ଅଫିସ, ୯।୧୦

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇସ୍ପାତ ଆଲୟେଜ ପରିସରରେ କମ୍ପାନୀର ସମସ୍ତ ୟୁନିଅନ୍ ପକ୍ଷରୁ ରବିବାର ସ୍ୱର୍ଗତ ସୁଧୀର କୁମାର ଦାସ ମଙ୍ଗରାଜଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ପାଳନ କରାଯାଇଥିଲା। ଉକ୍ତ ଶୋକସଭାରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା।

### ଦଶାହରେ ମୁଣ୍ଡନ ହେଲେ ଶତାଧିକ ଶ୍ରମିକ

ଶୋକସଭାରେ ଇସ୍ପାତ ଆଲୟେଜ ଏମ୍ପ୍ଲୋଇଜ ୟୁନିଅନ୍‌ର ସାଧାରଣ ସମ୍ପାଦକ ମନୋରଞ୍ଜନ ମହାଳିକ, ବିଶ୍ୱଜିତ ଗାନ, ନବକିଶୋର ନାୟକ, ନିରଞ୍ଜନ ଦାସ, ନିରଞ୍ଜନ ବେହେରା, ରମାକାନ୍ତ ବେହେରା, ବିଦ୍ୟାଧର ସାହୁ, ଶଶିକାନ୍ତ ସାମଲ, ମୁକ୍ତେଶର ନାୟକ, ରମେଶ ଦଳେଇ, ଜୟନ୍ତ ବୁଗୁଡ଼ାଇ ବିଦ୍ୟାଧର ରାଉତ, ସୁରେଶ ଗାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ମଙ୍ଗରାଜ ଜଣେ ବିଶିଷ୍ଟ ଶ୍ରମିକନେତା ତଥା ଜଣେ ସମାଜସେବୀ, ପରୋପକାରୀ, ଲୋକପ୍ରିୟ, ମିଷ୍ଟଭାଷୀ, ସ୍ନେହବତ୍ସଳ ନେତା ଥିଲେ ବୋଲି କହିଥିଲେ। ରବିବାର ମଙ୍ଗରାଜଙ୍କ ଦଶାହ ଅବସରରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ଶତାଧିକ ଶ୍ରମିକ ସ୍ୱତଃପ୍ରବୃତ୍ତ ଭାବେ ମୁଣ୍ଡନ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବାର ଜଣାପଡ଼ିଛି।



ମୁଣ୍ଡନ ହୋଇଥିବା ଶ୍ରମିକ।

# ସହର ପରିକ୍ରମା କଲା ୭୨ ଜୁଲୁସ,କାଫେଲା

### ଭଦ୍ରକରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ

ଭଦ୍ରକ ଅଫିସ,୯।୧୦

ଇସଲାମ ଧର୍ମର ପ୍ରବର୍ତ୍ତକ ପ୍ରଫେଟ ମହମ୍ମଦଙ୍କ ଜନ୍ମ ଜୟନ୍ତୀ(ଇଦ-ମିଲାଦୁନ-ନବି) ରବିବାର ଭଦ୍ରକରେ ପାଳିତ ହୋଇଛି। ଏହି ଉପଲକ୍ଷେ ଭଦ୍ରକ ସହର ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ଅପରାହ୍ନରେ ୭୨ଟି ସୁସଜ୍ଜିତ ଜୁଲୁଷ ଓ କାଫେଲା ପୁରୁଣାବଜାରସ୍ଥିତ ଚୌଖଣ୍ଡିରୁ ବାହାରି ପୁରୁଣାବଜାର, ଲାହାପଟ୍ଟି, ପାଟଣାସାହି, ନଙ୍ଗାମହଲା, ହଜାରୀନଗର, କଚେରୀବଜାର, ନୂଆବଜାର, କଦମବେଡା, ଶଙ୍କରପୁର ଦେଇ ସହର ପରିକ୍ରମା କରି ମଦିନା ମଇଦାନ ଠାରେ ପହଞ୍ଚିଥିଲା। ପରେ ସେଠାରେ ଏକ ଧର୍ମସଭା ହାଫିଜ ଅଫଜଲ ହୋସେନ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ମୌଲାନା ପଣ୍ଡିତ, ସାଏର(କବି)



କାଫେଲା ଶୋଭାଯାତ୍ରାରେ ଛୋଟ ପିଲାମାନେ।

ଯୋଗଦାନ କରି ପ୍ରଫେଟଙ୍କ ତ୍ୟାଗପୂତ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ଶୋଭାଯାତ୍ରକାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଭଦ୍ରକ ମୁସଲିମ ଜମାତର ସଭାପତି ହାଜୀ ମହମ୍ମଦ ଅବଦୁଲ ବାରୀ, କମିଟିର ସାଧାରଣ ସମ୍ପାଦକ ଶେଖ ଇନାମ ମହମ୍ମଦ, ସିରତ କମିଟିର ସଭାପତି ହାଜୀ ଅନୱାର ହୋସେନ, ସାଧାରଣ ସମ୍ପାଦକ ଇଂ. ହବିବୁଲ୍ଲା ଖାଁ, ମହମ୍ମଦ ଜକାଉଲ୍ଲା, ହାଜୀ ଅଅବଦୁଲ ମୁକିତ ଖାଁ, ଶେଖ ସିରାଜୁଦ୍ଦିନ, ଜାହିଦ ହବିବ, ଏସଏମ ଫାରୁକ, ହାଜୀ କାସିମ ଖାଁ, ଅସରଫ ଅଲ୍ଲୀ, ଇଂ. ରେଜାଏ ରସୁଲ, ମିଡିଆ ସେଲ ସଂଯୋଜକ ଶେଖ ଅନୱାର, ତବାରକ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରା ସହିତ ଧର୍ମସଭା ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ସୋମବାର, ୧୦ ଅକ୍ଟୋବର, ୨୦୨୨

## କପାଳି ନଦୀରେ ବୃଦ୍ଧ ନିଖୋଜ

ଧାମନଗର,(ସ୍ୱ.ପ୍ର.): ଭଦ୍ରକ ଜିଲା ଧାମନଗର ବ୍ଲକ୍ ଅଧୀନ କାଶିମପୁର ପଞ୍ଚାୟତ ଦେଇ ଯାଇଥିବା କପାଳି ନଦୀରେ ରବିବାର ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସ୍ଥାନୀୟ ପତି ସାହିର ବିଷ୍ଣୁ ମୋହନ ପତି(୫୦)। ସନ୍ଧ୍ୟାରେ ନଦୀ କଡ଼ରେ ବୁଲାବୁଲି କରୁଥିବା ସମୟରେ ଗୋଡ଼ ଖସି ଯିବାରୁ ସେ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି।



## ସଂକ୍ଷେପରେ

### ୨ ଅଭିଯୁକ୍ତ କୋର୍ଟଚାଲାଣ ବୃଦ୍ଧାଙ୍କୁ ବଳାତ୍କାର

ବେତନଟୀ,୯।୧୦(ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଞ୍ଚଳର ଜଣେ ୮୩ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ ଦୁଇ ଅଭିଯୁକ୍ତଙ୍କ ରବିବାର ପୋଲିସ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କଲରାଫୁଲିଆ ଗ୍ରାମର ପରେଶ ସିଙ୍କ ପୁଅ ଟୁକୁ ସି ଏବଂ ଗଙ୍ଗାଧର ଧୀରଙ୍କ ପୁଅ ଅକ୍ଷୟ ଧୀର। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ନିଶାସକ୍ତ ଅବସ୍ଥାରେ ସମ୍ପୃକ୍ତ ବୃଦ୍ଧାଙ୍କୁ ବଳାତ୍କାର କରିଥିବା ନେଇ ପୀଡିତା ବେତନଟୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୩୦୦/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଶାରଦୀୟ ବନ୍ଧୁମିଳନରେ କବିତା ପାଠ

ବାଲିଆପାଳ, ୯।୧୦(ସ୍ୱ.ପ୍ର.)-ବାଲିଆପାଳ ବ୍ଲକ ଚଉମୁଖ ବେଳାଭୂମି କଙ୍କଡ଼ାପାଳ ୟୁଜିୟୁପି ସ୍କୁଲ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଶବ୍ଦକୁଞ୍ଜ ପରିବାରର ଶାରଦୀୟ ବନ୍ଧୁମିଳନ ଓ ଦ୍ୱିତୀୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ସ୍ଥାନୀୟ ରାମପ୍ରସାଦ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ କୁମାର ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ କବି ନିରଞ୍ଜନ ବେହେରା, କବି ସନ୍ୟାସୀ ପାତ୍ର, ସଂଯୋଜିକା ସଙ୍ଗୀତା ବାରିକ, କବି ନଳିନୀକାନ୍ତ ପାଢ଼ୀ ଅତିଥି ସଂଯୋଜକ ଭାବେ ଯୋଗ ଦେଇଥିଲେ। ଶତାଧିକ କବି ଏଥିରେ ଅଂଶଗ୍ରହଣ କରି ୪୦ରୁ ଅଧିକ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ମମତା ହାଜରା ଏକ ଭକ୍ତି ସଂଗୀତ ଗାନ କରିଥିଲେ।
ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଡିଆଇ ସୁବାସ ଚନ୍ଦ୍ର ଚୌଧୁରୀ ପୌରୋହିତ୍ୟ କରିଥିଲେ। ଉପସଭାପତି ତୀର୍ଥେଶ ଚନ୍ଦ୍ର ରାୟ ମହାଶୟ ଅତିଥି ପରିଚୟ, ପ୍ରତିଷ୍ଠାତା ସମ୍ପାଦକ କାର୍ତ୍ତିକ ସେଠୀ ବିବରଣୀ ପଠା, ମୁଖ୍ୟଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦ ପୂର୍ବତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଡ. ଶିରୀଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ଅଧାପକ ଡ. ସୁକାନ୍ତ ଗିରି ଓ ଫକୀରମୋହନ ସାହିତ୍ୟ ପରିଷଦର ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ପ୍ରମୁଖଯୋଗ ଦେଇ ଶବ୍ଦ କୁଞ୍ଜର ସାରସ୍ୱତ ଗୁରୁତ୍ୱ ଆଲୋଚନା କରିଥିଲେ। ଗାୟିକା ସ୍ମୃତି ସନ୍ଦୀପ୍ତା ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ମୁଖପତ୍ର ଶବ୍ଦକୁଞ୍ଜ-୨୦୨୨ ଉନ୍ମୋଚିତ ହୋଇଥିଲା। ଉଗରା ଅନନ୍ତ ବଳିଆ ନୃତ୍ୟସଂସ୍ଥା ତରଫରୁ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ କବି ସନ୍ୟାସୀ ପାତ୍ର ଓ ଗାୟିକା ସ୍ମୃତି ସନ୍ଦୀପ୍ତା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କବି ନବକୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ୮୦ ବୃଦ୍ଧାବୃଦ୍ଧଙ୍କୁ ନୂତନ ବସ୍ତ୍ର ପ୍ରଦାନ

ଭଣ୍ଡାରିପୋଖରୀ,୯।୧୦(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ନେରଡ଼ା ପଞ୍ଚାୟତ ଯଶୋଟିକିରି ସ୍ଥିତ ଗୋପବନ୍ଧୁ ଶିକ୍ଷା ଓ ସ୍ୱାସ୍ଥ୍ୟ ଟ୍ରଷ୍ଟ ପକ୍ଷରୁ ଉତ୍କଳମଣିଙ୍କ ୧୪୫ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ଶତପଥୀ ମିଳିତ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ସଭାପତି ବନମାଳୀ ପୃଷ୍ଟିଙ୍କ ଅଧକ୍ଷତା ଏବଂ ଗାୟକ ଅଭିମନ୍ୟୁ ପଲ୍ଲାଉଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧାପକ ସୁଧୀର ଜେନା, ମୁଖ୍ୟ ବକ୍ତା ଭାବେ ଧାମନଗର ମହାବିଦ୍ୟାଳୟର ଅଧକ୍ଷ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଘଟଗାଁ ବ୍ଲକ୍ ସହ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳ, ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ଦେବଦାସୀ ଜେନା, ଅଜୟ ନନ୍ଦ, ଦୁର୍ଯ୍ୟୋଧନ ଲେଙ୍କା, ଶରତ ଚନ୍ଦ୍ର ଜେନା, ଅର୍ଜୁନ ଚରଣ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାୟ ୮୦ଜଣ ବୃଦ୍ଧାବୃଦ୍ଧଙ୍କୁ ଅତିଥି ମାନେ ନୂତନ ବସ୍ତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟଠାରେ ଏକ ରକ୍ତଦାନ ଶିବିର ମଧ ଆୟୋଜିତ ହୋଇଥିଲା। ଏଥିରେ ୬୦ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ଟ୍ରଷ୍ଟର ସମ୍ପାଦକ ଅକ୍ଷୟ ଶତପଥୀ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଐରିଗଞ୍ଜନ ଦର୍ପନାରାୟଣ ବରାଳ ଧନ୍ୟବାଦ ଦେଇଥିଲେ। ସମାରୋହକୁ କୃପାସିନ୍ଧୁ ପୃଷ୍ଟି, ଅଶ୍ୱିନୀ ରଥ, ସୌମ୍ୟରଞ୍ଜନ ଜେନା, ଉପେନ୍ଦ୍ର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# ବିଦ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା ଚେତାବନୀ

**ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଜବରଦଖଲ ଘଟଣା**

ବେତନଟୀ,୯।୧୦(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ମେର୍ଦା ପଞ୍ଚାୟତର ଦୁର୍ଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହକୁ ଚଞ୍ଚକତା ପୂର୍ବକ ମାଡ଼ିବସି ଦଖଲ ପ୍ରମାଣପତ୍ର ହାସଲ କରିବା ଅପଚେଷ୍ଟାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ସୋମବାରଠାରୁ ବିଦ୍ୟାଳୟରେ ତାଲାପକାଇବା ସହିତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।
ଅଭିଯୋଗ ଅନୁଯାୟୀ, ଦୁର୍ଗାପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪ଟି କୋଠରୀ ନେଇ ଅସ୍ଥାୟୀ ଭାବେ ହାଇସ୍କୁଲ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ନିଜସ୍ୱ ଜାଗା ନେଇ ହାଇସ୍କୁଲକୁ ସ୍ଥାନାନ୍ତରିତ କରାଯିବାର ଥିଲା। ମାତ୍ର ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୪ଟି କୋଠରୀରେ ଦୀର୍ଘବର୍ଷ ହେଲା ହାଇସ୍କୁଲ ଚାଲୁଛି। ଫଳରେ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର କ୍ଲାସ ପରିଚାଳନାରେ ସମସ୍ୟା ଉପୁଜୁଥିବାରୁ ଏନେଇ ବହୁବାର ବୈଠକ ମଧ ବସିଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଲିଖିତଭାବେ ଅବଗତ କରିଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନାହିଁ। ଇତିମଧ୍ୟରେ ହାଇସ୍କୁଲ କର୍ତ୍ତୃପକ୍ଷ ମାଡ଼ିବସିଥିବା ନୋଡାଲସ୍କୁଲର ୪ଟି ଶ୍ରେଣୀଗୃହର ଦଖଲ ପ୍ରମାଣପତ୍ର ସହିତ ପଟ୍ଟା ପାଇଁ ତହସିଲରେ ଆବେଦନ କରିଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରୁ ହାଇସ୍କୁଲକୁ ଅପସାରଣ କରା ନ ଗଲେ ୧୦ତାରିଖଠାରୁ ବିଦ୍ୟାଳୟସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ଓସିଏସରେ ସମ୍ବିତ୍, ଯାଜ୍ଞସେନୀ, ଦିଲ୍ଲୀପଙ୍କ ସଫଳତା


ସମ୍ବିତ୍ ପାତ୍ର


ଯାଜ୍ଞସେନୀ ପାତ୍ର


ଦିଲ୍ଲୀପ୍ ସାହୁ

ଆନନ୍ଦପୁର,୯।୧୦(ସ୍ୱ.ପ୍ର.)

ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳରେ କେନ୍ଦୁଝର ଜିଲା ଘସିପୁରା ବ୍ଲକ୍‌ର ସମ୍ବିତ୍ କର, ଯାଜ୍ଞସେନୀ ପାତ୍ର ଓ ଆନନ୍ଦପୁର ପୌରପରିଷଦର ଦିଲ୍ଲୀପ ସାହୁ ସଫଳତା ଅର୍ଜନ କରିଛନ୍ତି। ଘସିପୁରା ବ୍ଲକ୍ ବେଲସୁନ୍ଦରୀ ଗ୍ରାମର ସମ୍ବିତ୍ କର ୩୫ ନଂ ର୍‍ୟାଙ୍କରେ ରହିଛନ୍ତି। ସେ ଆଇଆଇଟି ଧାନବାଦରୁ ଆପ୍ଲାଏଡ୍ ଜୁଲୋଜୀରେ ଏମ.ଟେକ୍ କରିଛନ୍ତି। ଆନନ୍ଦପୁର ବ୍ଲକ୍‌ରେ କାର୍ଯ୍ୟରତ ଏବିଡିଓ ବିଚିତ୍ର କର ଓ ଜନାର୍ଦ୍ଦନପୁର ଏମଇ ସ୍କୁଲର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ରଙ୍କର ଏକମାତ୍ର ପୁଅ ଅଟନ୍ତି। ବାପା ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କଠାରୁ ମିଳିଥିବା ପ୍ରେରଣା ସଫଳତା ଦେଇଛି ବୋଲି କହିଥିଲେ। ସେହିପରି ଆନନ୍ଦପୁର ପୌରପରିଷଦ ଫକୀରପୁର ଗ୍ରାମର ଦିଲ୍ଲୀପ ସାହୁ ୨୦୩ ର୍‍ୟାଙ୍କ ପାଇଛନ୍ତି। ଫକୀରପୁର ଗ୍ରାମର ଏକ ସାଧାରଣ ପରିବାରର ଶ୍ରୀଧର ସାହୁ ଓ ସାବିତ୍ରୀ ସାହୁଙ୍କ ସାନପୁଅ ଦିଲ୍ଲୀପ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ ରେ ଅଧ୍ୟାପକ ଭାବେ ଦାୟିତ୍ୱରେ ରହିଛନ୍ତି। ସେ ପୂର୍ବରୁ ଦୁଇ ଥର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଦେଇଥିଲେ ବି ସଫଳତା ପାଇପାରି ନ ଥିଲେ। ଚଳିତ ଥର ମିଳିଥିବା ସଫଳତା ଅନେକ ଖୁସି ଦେଇଛି ବୋଲି ଦିଲ୍ଲୀପ ପ୍ରକାଶ କରିଛନ୍ତି। ସେହିପରି ଘସିପୁରା ବ୍ଲକ୍ ତାଳଗାଁର ଅମରେଶ ପାତ୍ରଙ୍କ ଝିଅ ଯାଜ୍ଞସେନୀ ପାତ୍ର ୩୯ ନଂ. ର୍‍ୟାଙ୍କରେ ରହି କୃତିତ୍ୱ ହାସଲ କରିଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ପାଇଁ ମୋର ଲକ୍ଷ୍ୟ ରହିଥିଲା। ଆବଶ୍ୟକ ପ୍ରସ୍ତୁତି ମଧ କରି ସଫଳତା ପାଇ ବହୁ ଖୁସି ଲାଗୁଛି ବୋଲି ସେ କହିଛନ୍ତି।

# ସନ୍ଧ୍ୟାରେ ବାହାରିଲା ଜୁଲୁସ



ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା।

**ଇଦ୍ ମିଲାଦୁନ ନବୀ ଅବସରରେ ବାଇକ୍ ଶୋଭାଯାତ୍ରା**

ବାଲେଶ୍ୱର ଅଫିସ, ୯।୧୦

ବାଲେଶ୍ୱର ସହରରେ ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ମହମ୍ମଦଙ୍କ ଜନ୍ମଦିବସକୁ ଇସଲାମ ଧର୍ମାବଲମ୍ବୀମାନେ ଇଦ୍ ମିଲାଦୁନ ନବୀ ଭାବେ ପାଳନ କରିଛନ୍ତି। ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମହାପୁରୁଷ ମହମ୍ମଦଙ୍କ ବିଭିନ୍ନ ବାଣୀକୁ ନେଇ ସୁସଜ୍ଜିତ ତୋରଣ (ଜୁଲୁସ) ସହର ପରିକ୍ରମା କରିଥିଲା।
ବିଧାୟକ ସ୍ୱରୂପ କୁମାର ଦାସ ଉପସ୍ଥିତ ହୋଇ ସମସ୍ତଙ୍କୁ ଇଦ ମିଲାଦୁନ ନବୀର ଶୁଭେଚ୍ଛା ଜଣାଇଥିଲେ। ରବିବାର ପୂର୍ବାହ୍ନରେ ଦରଘା ମଇଦାନରୁ ଏକ ବାଇକ ଶୋଭାଯାତ୍ରା ସହ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ବିଭିନ୍ନ ଛକରେ ଶୋଭାଯାତ୍ରାକାରୀଙ୍କୁ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ଜୁଲୁସ ସହର ପରିକ୍ରମା କରିଛି। ଏଥିନିମନ୍ତେ ସନ୍ଧ୍ୟାରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆଇନଜୀବୀ ସେକ ଉମାରୁଦ୍ଦିନଙ୍କ ତତ୍ତ୍ୱାବଧାନରେ ଗଳାପୋଖରୀସ୍ଥିତ ହାଜି ନାସିରୁଦ୍ଦିନ ସ୍କୁଲ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମିର ଅବଦୁଲ ମଜିଦ, ସେଖ ସରିଫ ମହମ୍ମଦ, ସେଖ ଅନସର ଅଲି, ହାଇଦର ଖାନ, ସେଖ ରାଜାବ ଅଲି, ସେଖ ଅସଗାର ଓ ଶେଖ ଆଲାମ ପ୍ରମୁଖ ସହଯୋଗ କରିଥିଲେ।

# ମଦ ଜବତ, ୩ ଗିରଫ

ଧାମନଗର/ଭଣ୍ଡାରିପୋଖରୀ/ଧୁଷୁରୀ, ୯।୧୦(ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଅବକାରୀ ବିଭାଗ ଅଧିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ, ଜିଲା ଭ୍ରାମ୍ୟମାଣ ସ୍କାଡ୍ ରବିବାର ଚଢ଼ାଉ କରି ୩ ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ଏହି ଟିମ୍ ଧାମନଗର ବ୍ଲକ ଅଧୀନ ଅସୁରାଳୀ ବଜାର୍, ସହିଦନଗର ବଜାର୍, ମଙ୍ଗଳପୁର , ବାରିକପୁର ବଜାର୍ ଅଞ୍ଚଳରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୨୮.୨୬୦ ଲିଟର ବିଦେଶୀ ମଦ, ୨୦.୩୫୦ ଲିଟର ବିୟର, ୬ ଲିଟର ଆସ୍କା ଫର୍ଟି ମଦ ସହ ଗୋଟିଏ ଫ୍ରିଜ ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧୁଷୁରୀ ଥାନା ଅଧୀନ ହଂସପୁର ଗ୍ରାମର ରବୀନ୍ଦ୍ର ରାଉତ, କଟସାହି ଗ୍ରାମର ଶିବପ୍ରସାଦ ମୁଦୁଲି ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଚିନାମାଳି ଗ୍ରାମର ଉମାକାନ୍ତ ଦାସ। ଜବତ ମଦ,ବିୟର ଓ ଫ୍ରିଜର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

# ୬୦ ୟୁନିଟ୍ ରକ୍ତ ସଂଗ୍ରହ

ଉଦଳା,୯।୧୦(ଡି.ଏନ.ଏ.)

ଉଦଳା ଡାକ୍ତରଖାନା ପରିସରରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜେଏମସି କମ୍ପାନୀର ଚେୟାରମ୍ୟାନ୍ ଏମ ରାଜାଙ୍କ ୭୮ ତମ ଜନ୍ମ ଦିବସ ପାଳନ ଅବସରରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କମ୍ପାନୀର କାର୍ଯ୍ୟରତ ସମସ୍ତ କର୍ମଚାରୀ ଯୋଗ ଦେଇ ରକ୍ତଦାନ କରିଥିଲେ। ଏଥିରେ ମୋଟ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିଶୁରୋଗ ବିଶେଷଜ୍ଞ ଲକ୍ଷ୍ମୀକାନ୍ତ ପତି, ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ କାଉନସିଲର ପ୍ରଭାତ ପରିଡା, ଜୀବନବିନ୍ଦୁ ସଂଯୋଜକ ଅମୀୟ କୁମାର ବଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଇଏସଏଚ ଅଫିସର ରୂପେଶ ଲେଙ୍କା, ଦେବାଶିଷ ପାଣିଗ୍ରାହୀ, ଜଗନ୍ନାଥ ବାରିକ, ମନୋରଞ୍ଜନ ଦାସ, ଅମିତ ରାଉତ, ପ୍ରିୟବ୍ରତ ପ୍ରଧାନ, ଦେବେନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୁମାର ଉତ୍ସବ ସମିତିର ସୁବର୍ଣ୍ଣ ଜୟନ୍ତୀ

**ଆରମ୍ଭ ହେଲା ୪ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ**


ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ବାରିପଦା ଅଫିସ, ୯।୧୦

କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳ ବେଣୀ ଗୀତଠାରୁ ଆରମ୍ଭ କରି ସୁନ୍ଦର ଓ ମନଲୋଭା ଗୀତରେ ଗୁଞ୍ଜରିତ ହେଉଛି ବାରିପଦା ସହର। କୁଆଁରୀମାନେ ତୁଳସୀ ଚଉରା ମୂଳରେ ତୁଳସୀ ଓ ଚନ୍ଦ୍ରକୁ ପୂଜାର୍ଚ୍ଚନା କରି ନୂଆବସ୍ତ୍ର ପରିଧାନ କରିଛନ୍ତି। ଏଭଳି ଏକ ପରମ୍ପରାକୁ ୫୦ବର୍ଷ ଧରି ପାଳନ କରୁଆସୁଛି ବାରିପଦା ଦେଉଳ ସାହି କୁମାର ଉତ୍ସବ ସମିତି। ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି।
ସମିତିର ସଭାପତି ସଭାପତି ହରପ୍ରସାଦ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସ୍ୱତନ୍ତ୍ର ଅତିଥି ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଃ ଯୋଗଦେଇ ରାଜ୍ୟସ୍ତରୀୟ ଓ ସଂସ୍କୃତି ପରମ୍ପରାରେ ଜଡ଼ିତ କାର୍ଯ୍ୟକ୍ରମ ପରିବେଷଣର ପ୍ରଚେଷ୍ଟା ପାଇଁ ଆୟୋଜକ କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିଥିଲେ। ୪ଦିନ ଧରି ମେଲୋଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ସାଧାରଣ ସମ୍ପାଦକ ଶିବୁ ନାରାୟଣ ରଣା କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ସବ ସମିତିର ଉପାଧ୍ୟକ୍ଷ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ ଓ ପ୍ରଦୀପ କୁମାର ପାତ୍ରଙ୍କ ସମେତ ମୁଖ୍ୟ ସଂଯୋଜକ କାର୍ତ୍ତିକେଶ୍ୱର ରଣା, ସାଂସ୍କୃତିକ ସମ୍ପାଦକ ତାପସ କୁମାର ପାଢ଼ୀ, ଅଭ୍ୟର୍ଥନା ସମିତି ଅଧକ୍ଷ ଅସିତ ପତି, ଉପସଭାପତି ଗଣେଶ୍ୱର ରଣା, ବନବିହାରୀ ମତଗଜ, ଲମ୍ବୋଦର ରଣା, ପିଂଟୁ ମାଇତି, ସମ୍ପାଦକ ଅମିତ କୁମାର ପଣ୍ଡା, ଜ୍ୟୋତି ପ୍ରସାଦ ପାତ୍ର, ଜୟଚନ୍ଦ୍ର ଦାସ, ଶମ୍ଭୁନାଥ ରଣା, ସୌମ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସଂଯୋଜକ ନିମାଇଁ ତ୍ରିପାଠୀ, କାର୍ଯ୍ୟକାରୀ ସଦସ୍ୟ କଳିଙ୍ଗ କେଶରୀ ଜେନା, ପ୍ରଭୁତ ମହାନ୍ତି, ଅନିଲ କୁମାର ପଣ୍ଡା, ସୌମ୍ୟଶ୍ରୀ ବିନ୍ଧାଣୀ, ରାକେଶ ରଣା, ଶୈଳଜା ସାମଲ ଏବଂ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁରାଳିରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଧୁଷୁରୀ, ୯।୧୦

ଧାମନଗର ବ୍ଲକ ଖପର ପଦା ପଞ୍ଚାୟତରେ ରବିବାର ବିଜେଡିର ପଦଯାତ୍ରା ଆରମ୍ଭ ହୋଇ ସହିଦ ନଗର ଦେଇ ଲୁଣିଆ ମେଳନ ପଡିଆଠାରେ ପହଞ୍ଚିଥିଲା। ଧାମନଗର ଉପ ନିର୍ବାଚନ ପୂର୍ବରୁ ବିଜେଡ଼ି ପଦଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛି। ଲୁଣିଆ ମେଳଣ ପଡ଼ିଆଠାରେ ଜିଲା ପରିଷଦ ସଦସ୍ୟ ଶାରଦା ପ୍ରସନ୍ନ ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ। ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅନ୍ୟତମ ଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତ ରାୟ, ରାଜ୍ୟ ସଭା ଏମ୍‌ପି ମୁନ୍ନା ଖାଁ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ବଡ଼ଚଣା ବିଧାୟକ ଅମର ଶତପଥୀ, ଭଦ୍ରକ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ବିଦ୍ୟୁତ୍‌ଲତା ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ଜନ ମଙ୍ଗଳକାରୀ ଯୋଜନାର ସଫଳତା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖପରପଦା ସରପଞ୍ଚ ଅନସୁୟା ସାହୁ, ସମିତି ସଭ୍ୟ ଭାରତ ବିଜୟ ଦଳାଇ, କଟସାହି ସେବା ସମବାୟ ସମିତି ସଭାପତି ସୁଶାନ୍ତ ପଣ୍ଡା, ପୂର୍ବତନ ବାଲେଶ୍ୱର ଭଦ୍ରକ ସମବାୟ ସମିତି ସଭାପତି ରଘୁନାଥ ଲେଙ୍କା, ପୂର୍ବତନ ସମିତି ସଭ୍ୟ ହରେକୃଷ୍ଣ ପାଢ଼ୀ, ଧାମନଗର ପର୍ଯ୍ୟବେକ୍ଷକ ସରୋଜ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ସାମିଲ ବିଜେଡି ନେତା।

# ୨୦୨୪ ନିର୍ବାଚନ ପାଇଁ ଦଳ ପ୍ରସ୍ତୁତ

**ଏଏପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ**

ଖଇରା, ୯।୧୦(ଡି.ଏନ.ଏ.)

ଆମ ଆଦମୀ ପାର୍ଟି(ଏଏପି)ର ସିମୁଳିଆ ନିର୍ବାଚନମଣ୍ଡଳୀ ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଖଇରାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ନିକୁଞ୍ଜ ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ଜିଲା ସଭାପତି ସ୍ୱର୍ଣ୍ଣଭାରତ ମଲ୍ଲିକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ କୈଳାସ ଚନ୍ଦ୍ର ପୃଷ୍ଟି ଓ ଖଗେନ୍ଦ୍ର ନାୟକ, ୪ନଂ. ଜୋନର ଜିଲା ପରିଷଦ ପ୍ରାର୍ଥୀ ସୁବାଶିଷ ପାଣି ପ୍ରମୁଖ ଯୋଗଦେଇ ୨୦୨୪ର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ପ୍ରକାଶ କରିଥିଲେ। ଅନ୍ୟଦଳଗୁଡିକ ତଥାକଥିତ ରାଜନୀତି କରୁଥିବା ବେଳେ ଆପ୍ ପରିବର୍ତ୍ତନ ରାଜନୀତିରେ ବିଶ୍ୱାସ ରଖେ । ଅନ୍ୟ ପାର୍ଟି ଲୋକଙ୍କ ସହ ଅଛନ୍ତି ହେଲେ ଲୋକମାନେ ତାଙ୍କ ପାର୍ଟି ସହ ଅଛନ୍ତି ବୋଲି ନେତୃବୃନ୍ଦ ମତ ରଖିଥିଲେ। ବିଭିନ୍ନ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ଯୁଧିଷ୍ଠିର ମହାରଣା, ମନୋଜ ପଣ୍ଡା, ସୌମ୍ୟକାନ୍ତ ପାଣିଗ୍ରାହୀ ଓ ମୁକ୍ତିକାନ୍ତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।


କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମଞ୍ଚାସୀନ ନେତୃବୃନ୍ଦ।

# ଗିରଫ ଭୟରେ ପୋଲରୁ ଡେଇଁ ହେଲପର ମୃତ

**ପଶ୍ଚିମବଙ୍ଗକୁ ଚୋରାଚାଲାଣ: ୪ ଗାଡ଼ିରୁ ୨୫୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର**

ଜଳେଶ୍ୱର,୯।୧୦(ଡି.ଏନ.ଏ.)

ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଗୋଚାଲାଣ ବେଳେ ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ସୁବର୍ଣ୍ଣରେଖା ପୋଲ ନିକଟ ନାକା ପଏଣ୍ଟଠାରେ ୩ କଣ୍ଟେନର ଓ ଗୋଟିଏ ପିକ୍‌ଅପ୍ ଭ୍ୟାନକୁ ପୋଲିସ ଜବତ କରିଛି। ଏହି ୪ଟି ଗାଡ଼ିରୁ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରି ପୋଲିସ ଗୋଶାଳା ପଠାଇଛି। ଗିରଫ ଭୟରେ ଗାଡ଼ିରେ ଥିବା ହେଲପର୍ ପୋଲ ଉପରୁ ଡେଇଁ ପଡ଼ି ପ୍ରାଣ ହରାଇଛନ୍ତି। ଅନ୍ୟ ୭ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।



ରବିବାର ଭୋର ସମୟରେ ଏହି ଘଟଣା ଘଟିଥିଲା। ବାଲେଶ୍ୱରପଟୁ ପଶ୍ଚିମବଙ୍ଗ ଅଭିମୁଖେ ୩ଟି କଣ୍ଟେନର ଓ ଅନ୍ୟ ଏକ ପିକ୍‌ଅପ୍‌ରେ ପ୍ରାୟ ୨୫୦ ଗୋରୁକୁ ପୋଲିସ ନାକା ପଏଣ୍ଟଠାରେ ଅଟକାଇଥିଲା । ଗାଡ଼ିରେ ଗୋରୁଗୁଡ଼ିକୁ ଖୁନ୍ଦାଖୁନ୍ଦି କରି ନିଆଯାଉଥିବା ଦେଖି ପୋଲିସ ଖୋଳତାଡ଼ ଆରମ୍ଭ କରିଥିଲା। ଏହି ସମୟରେ ଜଣେ ହେଲପର ଗିରଫ ଭୟରେ ସୁବର୍ଣ୍ଣରେଖା ପୋଲ ଉପରୁ ନଦୀପଠାକୁ ଡେଇଁ ପଡ଼ିବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଜିକେଭଟ୍ଟର ହସ୍‌ପିଟାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ୭ ଦିନିଆ ସେବା ଶିବିର

ସାରସକଣା,୯।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ଯୁକ୍ତ ୩ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ ଦିନିଆ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ନଳିନୀ ରଞ୍ଜନ ସେନାପତି ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଡ.ଅନନ୍ତ କୁମାର ଜେନା, ସମ୍ମାନୀତ ଅତିଥି ଭାବେ ଡ. ଦେବଦତ୍ତ ମହାନ୍ତି , ବ୍ରଜକିଶୋର ଜେନା ଯୋଗଦେଇଥିଲେ। ପୁରୁଷ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱଜ୍ୟୋତି ସିଂହ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ସୂଚନା ଦେଇଥିଲେ। ମହିଳା ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଆରତୀ ହୋ ଧନ୍ୟବାଦ ଦେଇଥିଲେ। ଆଇଟି ବିଭାଗର ଅଧାପକ ନିହାର ରଞ୍ଜନ ମହାନ୍ତ ,କ୍ରୀଡ଼ା ଶିକ୍ଷକ ଶ୍ରଦ୍ଧାନନ୍ଦ ସାହୁ, ନିରଜ ରଞ୍ଜନ ମହାନ୍ତ ଓ ସୁଚିସ୍ମିତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

**କେନ୍ଦୁଝର**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି। ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଦରବାର ହଲ୍। ସମୟ: ସକାଳ ୧୦.୦୦
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ। ସ୍ଥାନ-ମଲ୍ଲିପଶି ହାଟ ପଡ଼ିଆ, ପାଟଣା, ସମୟ- ରାତି ୮.୦୦।

## 'ଈଶ୍ୱରୀୟ ଉପାସନା ପାଇଁ ମଧ୍ୟସ୍ଥତା ଲୋଡ଼ା ନାହିଁ'

ବାରିପଦା ଅଫିସ,୯।୧୦-ବାରିପଦାସ୍ଥିତ ରଘୁନାଥପୁରସ୍ଥିତ ଶ୍ରୀ ଶ୍ରୀ ହରିହର ମନ୍ଦିର ସଭାକକ୍ଷରେ ମାସିକ ସନ୍ଥ ଦିବସ ପାଳିତ ହୋଇଯାଇଛି। ସଦ୍‌ଭାବନା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିର ପ୍ରତିଷ୍ଠାତା ଭୂମିପୁତ୍ର ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପିଙ୍ଗୁାବଣିଆ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟଜୀ ଉପସ୍ଥିତ ରହି ବେଦରେ ମାନବ ଧର୍ମ ଏବଂ ଈଶ୍ୱରୀୟ ଉପାସନା ପାଇଁ ମଧ୍ୟସ୍ଥତା ଲୋଡ଼ା ନାହିଁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷ ଅତିଥି ଭାବେ ଖବରଦାତା ଡ.ବିଜୟ କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ଦାସ, ସମିତିର ଉପଦେଷ୍ଟା ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ବୀରଭଦ୍ର ସିଂ, ସମିତିର ସମ୍ପାଦକ ଡା.ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ସମିତିର ସହ ସମ୍ପାଦକ ସୁନିଲ କୁମାର ସି ଧନ୍ୟବାଦ ଅର୍ପଣ କରିଥିଲେ।

## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀରେ ଜୁଲୁସ ଶୋଭାଯାତ୍ରା

ଧାମନଗର,୯।୧୦(ସ୍ୱ.ପ୍ର./ଡି.ଏନ.ଏ.)- ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ମହାପୁରୁଷ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ଉତ୍ସବ (ଇଦ୍ ମିଲାଦୁନ ନବୀ) ପାଳିତ ହୋଇଯାଇଛି। ଶନିବାର ଧାମନଗର ଏନ୍‌ଏସି ଅଞ୍ଚଳର ବିଭିନ୍ନ ସାହିବସ୍ତି ପଠାଣମହଲ୍ଲା,କୋରେସି ମହଲ୍ଲା, ନାୟକ ସାହି, ଶ୍ୟାମପୁର, ହାଜିନଗର, ହବିବିନଗର,ବାଉଁଶ ବାଡ଼ି, କାଜିମହଲ୍ଲା, ବଜାର ସାହି ଆଦି ଅଞ୍ଚଳରୁ ମୋଟ ୨୮ଜୁଲୁସ ବାହାରି ବଜାର ପରିକ୍ରମା ସହ ଖାନକା ସରିଫଠାରେ ପହଞ୍ଚିଥିଲା। ରାତି ୮ଟାରେ ସମସ୍ତ ଜୁଲୁସ ଏକ ସଂଗେ ଧାମନଗର ଇଦଗା ମଇଦାନ ଅତିକ୍ରମ କରି ବଡ଼ବଜାର, ସାନବଜାର ଛକ, ଜଗତି କଦମରସୁଲଠାରେ ପହଞ୍ଚିଥିଲା। ରବିବାର ସକାଳେ ବିଜେଡିର ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବଡ଼ଚଣା ବିଧାୟକ ଅମର ଶତପଥୀ, ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗରର ଦୁଇ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ଭଦ୍ରକ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା,କ ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଦୋଵଲଠାରେ ଆୟୋଜିତ ସଭାରେ ଯୋଗଦେଇଥିଲେ। ଧାମନଗର ବଜାରଠାରେ ଥିବା ଅବଦୁଲ କାଲାମ ଏବଂ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏନଏସି ଅଧକ୍ଷା ନିବେଦିତା ଜେନା,ଉପାଧକ୍ଷ ଓସିମ ଏଜଦାନୀ କାଦରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧରାପଡ଼ିଲେ ନକଲି ବନ କର୍ମଚାରୀ

### ଚାକିରି ଦେବା ନାଁରେ ଠକେଇ

### ମୋଟର ସାଇକେଲ, ୟୁନିଫର୍ମ ସହ ଟଙ୍କା ଜବତ

ଘଟଗାଁ,୯।୧୦(ଡି.ଏନ୍.ଏ)

ନିଜକୁ ଏସିଏଫ୍ ପରିଚୟ ଦେଇ ବନ୍ଧୁତ୍ୱ ସ୍ଥାପନ କରୁଥିଲେ। ପରେ ଚାକିରି କରାଇଦେବାକୁ କହି ଟଙ୍କା ଲୁଟି ଫେରାର ହୋଇଯାଉଥିଲେ। ଠକାମିର ଶିକାର ହୋଇଥିବା ଯୁବକମାନେ ଜାଣିପାରି ଅଭିଯୁକ୍ତଙ୍କୁ କୌଶଳ କ୍ରମେ କାବୁ କରି ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଘଟଗାଁ ଥାନା ଅଞ୍ଚଳରେ। ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ବୁଲେଟ୍ ମୋଟର ସାଇକେଲ, ବନ ବିଭାଗ ୟୁନିଫର୍ମ, ୧୨ ହଜାର ଟଙ୍କା, ନକଲି ସୁନା ଚେନ୍ ଜବତ ହୋଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଯାଜପୁର ଜିଲା ସୁଜନପୁରର





ଗିରଫ ଅଭିଯୁକ୍ତ ସୁଜିତ ପଡ଼ିହାରୀ ଓ ଜବତ ସାମଗ୍ରୀ।

ସୁଜିତ୍ ପଡ଼ିହାରୀ ବୋଲି ଘଟଗାଁ ଏସ୍‌ଡିପିଓ ସୁଶୀଲ ମିଶ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଘଟଗାଁ ବଜାରରେ ଥିବା ଏକ ଲଜ୍‌ରେ ସୁଜିତ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ରହୁଥିଲେ। ବଜାରରେ ଥିବା ଏକ ମୋବାଇଲ ଦୋକାନୀଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ନିଜକୁ ଏସିଏଫ୍ ପରିଚୟ ଦେଇ ଯଦି କେହି ବେକାର ଯୁବତୀ, ଯୁବକ ଚାକିରି କରିବାକୁ ଚାହିଁବେ ତେବେ ସ୍ୱଳ୍ପ କିଛି ଲାଞ୍ଚ ଦେଇ ଚାକିରି କରାଇଦେବେ ବୋଲି କହିଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ଘଟଗାଁ ଥାନା ତରା ଅଞ୍ଚଳର ଓମ୍ ପରେଶ ନାମକ ଯୁବକ ୨୫ ହଜାର ଟଙ୍କା ଦେଇଥିଲେ। ଏଭଳି ଅନେକ ଯୁବକ ମଧ୍ୟ ଟଙ୍କା ଦେଇଛନ୍ତି। ଟଙ୍କା ନେବା ପରେ ଅଭିଯୁକ୍ତ ଧରାଛୁଆଁ ଦେଉ ନ ଥିଲେ। ସ୍ଥାନୀୟ ଯୁବକମାନେ ଅଭିଯୁକ୍ତଙ୍କୁ ଧରିବାକୁ ଭୋଜିର ଆୟୋଜନ କରିଥିଲେ। ସାଙ୍ଗହୋଇ ଭୋଜି ଖାଇବା ପରେ ମାଡ଼ ମାରି ପୋଲିସ ଜିମା ଦେଇଥିଲେ। ଠକାମୀର ଶିକାର ହୋଇଥିବା ଓମ୍ ପରେଶଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ପାଞ୍ଚରୁ ଉର୍ଦ୍ଧ୍ୱ ସିମ୍‌କାର୍ଡ, ମୋବାଇଲ, ଏକ ବୁଲେଟ ମୋଟର ସାଇକେଲ, ବନବିଭାଗର ପୋଷାକ, ନକଲି ଆଇଡି କାର୍ଡ, ୩ ଟି ଏଟିଏମ କାର୍ଡ ଜବତ ହୋଇଛି। ଏଭଳି ବେକାର ଯୁବତୀ ଯୁବକଙ୍କଠାରୁ ସେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ପୁରୀ, ଅନୁଗୋଳ, ଯାଜପୁରରେ ମଧ୍ୟ ଚାକିରି ଦେବା ନାମରେ ଠକିଥିବା ସ୍ୱୀକାର କରିଛନ୍ତି। ପୋଲିସ ନଂ. ୨୧୫/୨୦୨୨ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବା ନେଇ ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ଘଟଗାଁ ଥାନା ଅଧିକାରିଣୀ ପ୍ରତିଭା ମଞ୍ଜରୀ ସାହୁ, ଏସ୍‌ଆଇ ତପନ ଜେନା ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀ ପୂଜାରେ ଉତ୍ସବମୁଖର



ପାଟଣା,୯।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ପୁରାତନ କୁମାର ଉତ୍ସବ କମିଟି ପକ୍ଷରୁ ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ୫୩ତମ ପୂଜା ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ପୂଜାରେ ପାଟଣା ସହର ଉତ୍ସବ ମୁଖର ହୋଇଛି। କର୍ତ୍ତାଭାବେ ବିବେକାନନ୍ଦ ଦାଶ, ପୂଜକ ଭାବେ ନବକିଶୋର ଦାଶ ଓ ପର୍ଶୁରାମ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। କମିଟି ସଭାପତି ବିବେକାନନ୍ଦ ଦାଶ, ଉପସଭାପତି ସତ୍ୟବ୍ରତ ଦାଶ, ସମ୍ପାଦକ ଦକ୍ଷ ସାହୁ, ସହ ସମ୍ପାଦକ ଲିପକ ସାହୁ, ଅଜୟ ଦାଶ, ବିଦ୍ୟାଧର ଦାଶ, ସନାତନ ଦାଶ, କମଳା କାନ୍ତ ପତି, ସବୀର ଦାଶଙ୍କ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଅନୁରୂପ ଭାବେ ରାଜନଗର ଦେଉଳିଆ ସାହି, କେନ୍ଦେଇ ପଶି, ମଲ୍ଲୀପଶି, ଡୁରୁମୁଙ୍ଗା, ଚେମେଣାରେ ଆକର୍ଷଣୀୟ ତୋରଣ ସହ ଆଲୋକ ମାଳାରେ ପୂଜା ମଣ୍ଡପ ଝଲସୁଛି।

## ପ୍ରକୃତିପ୍ରେମୀଙ୍କୁ ଗଛ ଲଗାଇବାକୁ ଆହ୍ୱାନ




କୀର୍ତ୍ତନିଆ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରକୃତି ପରିବେଶ ସମ୍ପର୍କିତ ଆଲୋଚନାଚକ୍ରରେ ଅତିଥି।

ଭୋଗରାଇ, ୯।୧୦(ଡି.ଏନ.ଏ.)

ସଂସ୍କୃତି ଓ ପ୍ରକୃତି ପରସ୍ପର ପରିପୂରକ। ଆଧୁନିକ ଜଗତରେ ମଣିଷ ନିଜର ସ୍ୱାର୍ଥ ପାଇଁ ପ୍ରକୃତିକୁ ନଷ୍ଟ କରୁଛି। ଏଥିପାଇଁ ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନ, ତାପାୟନ ଭଳି ଭୟଙ୍କର ସ୍ଥିତି ଉପୁଜିଛି। ବୃକ୍ଷକୁ ଧ୍ୱଂସ କରିବା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଓ ଅମ୍ଳଜାନର ଅଭାବ ପରିଲକ୍ଷିତ ହେଉଥିବା ବେଳେ ପ୍ରକୃତି ପ୍ରେମୀମାନେ ଗଛ ଲଗାଇ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରନ୍ତୁ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କୀର୍ତ୍ତନିଆ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଶନିବାର ଜନକଲ୍ୟାଣ ସମିତି ପକ୍ଷରୁ ଆୟୋଜିତ ସମ୍ବିଧାନ ପ୍ରଣେତା ଭିଆର୍ ଆମ୍ବେଦକର ଦୀକ୍ଷିତ ଦିବସରେ ବିଶିଷ୍ଟ ଅତିଥିମାନେ ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ମାଡ୍ରାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଭେଲପ୍‌ମେଣ୍ଟ ଷ୍ଟଡ଼ିର ପ୍ରାଧାପକ ଅନନ୍ତ ଗିରି ଜଙ୍ଗଲ, ଜମି ଓ ପାଣିକୁ ସୁରକ୍ଷିତ ରଖିବାକୁ ସତ୍ୟାଗ୍ରହ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ସୁଦର୍ଶନ ଜେନା ପ୍ରକୃତି ବିନା ଜୀବଜଗତ ବଞ୍ଚିବା ଅସମ୍ଭବ ସହିତ ପରିବେଶକୁ ସଜାଡ଼ିବାରେ ସମସ୍ତଙ୍କର କାର୍ଯ୍ୟ ବୋଲି ମତ ରଖିଥିଲେ। ସଙ୍ଗଠନ ସଦସ୍ୟ ତଥା ଇଂ. ବସନ୍ତ କୁମାର ବେହେରା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିମତ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ପଦ୍ମନାଭ ମାଝି, ସନ୍ତୋଷ କୁମାର ଜେନା, ପ୍ରକୃତି ପ୍ରେମୀ ଗଗନ ପାତ୍ର, ମାୟାଧର ବେହେରା, ରାଧାନାଥ ବର୍ମନ, ରମାକାନ୍ତ ଜେନା ପ୍ରମୁଖ ବକ୍ତାମାନେ ପରିବେଶ ପ୍ରଦୂଷଣ ସମ୍ପର୍କରେ ମତ ଦେଇଥିଲେ। ଏହିଅବସରରେ ଅତିଥିମାନେ ଡ. ଭି.ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବାତ୍ୟାଶ୍ରୟସ୍ଥଳ ପଡ଼ିଆରେ ବଉଳ ଚାରା ଲଗାଇ 'ଗୋଟିଏ ଜୀବନ ଗୋଟିଏ ବୃକ୍ଷ' ସ୍ଲୋଗାନର ବାର୍ତ୍ତା ଗ୍ରାମାଞ୍ଚଳରେ ସଚେତନତା ଗଢ଼ି ଉଠୁ ବୋଲି କହିଥିଲେ। ପ୍ରକୃତି ପରିବେଶ ଓ ସୁରକ୍ଷା ପ୍ରସଙ୍ଗରେ ସ୍କୁଲ ଛାତ୍ରୀଛାତ୍ରମାନେ ବକ୍ତୃତାରେ ଅଂଶଗ୍ରହଣ କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

## ପାନୀୟ ଜଳ ପ୍ରକଳ୍ପ, ପାଠାଗାର ଲୋକାର୍ପିତ

ସୋର, ୯।୧୦(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ନଟାପଡ଼ା ପଞ୍ଚାୟତରେ ଏକ ପାନୀୟ ଜଳ ପ୍ରକଳ୍ପ ସହ ଏକ ପାଠାଗାର ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଳିକ ଯୋଗଦେଇଥିଲେ। ଏହି ପଞ୍ଚାୟତର ଆମ୍ବଗଡିଆ ଗ୍ରାମରେ ୩୦ ହଜାର ଲିଟର ବିଶିଷ୍ଟ ପାଣିଟାଙ୍କିକୁ ପ୍ରଥମେ ବିଧାୟକ ଧଡ଼ା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ, ସରପଞ୍ଚ ସନ୍ଧ୍ୟାରାଣୀ ପଣ୍ଡା, ସମିତିସଭ୍ୟା ଅନୁପମା ଜେନା, ପଞ୍ଚାୟତ ବିଜେଡି ସଭାପତି ଉମାକାନ୍ତ ଖଟୁଆ, ଦୀପ୍ତିକାନ୍ତ ପଣ୍ଡା, ପ୍ରସନ୍ନ ଜେନା, ପ୍ରଦୀପ ମିଶ୍ର, ପ୍ରଦୀପ ସାହୁ, ତରୁଣ ସାହୁଙ୍କ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହରିହର ମହାନ୍ତି, ବିଭାଗୀୟ କନିଷ୍ଠଯନ୍ତ୍ରୀ ସ୍ମରଣିକା ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହାପରେ ବିଧାୟକ ଧଡ଼ା ରାଧାବଲ୍ଲଭପୁର ଗ୍ରାମର ଲକ୍ଷ୍ମୀପୂଜା ମଣ୍ଡପ ନିକଟରେ ଶ୍ରୀଅରବିନ୍ଦ ପାଠାଗାରର ଉଦ୍‌ଘାଟନ କରିଥିଲେ।

## 'ବାଲେଶ୍ୱର ଉନ୍ନତି ପାଇଁ ସ୍ୱପ୍ନ ଦେଖିଥିଲେ ଅମିତ୍'

ବାଲେଶ୍ୱର ଅଫିସ, ୯।୧୦

ବାଲେଶ୍ୱର ଆଇଟିଆଇ ଛକସ୍ଥିତ ଶିଳ୍ପାଞ୍ଚଳଠାରେ ଥିବା ଉଦ୍ୟୋଗଭବନ ସମ୍ମିଳନୀ କକ୍ଷରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ ତରଫରୁ ସ୍ୱର୍ଗତ ଶିଳ୍ପପତି ଅମିତ ବେହେରାଙ୍କ ବିୟୋଗରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ସଂଘ ସଦସ୍ୟ ତଥା ବାଲେଶ୍ୱରର ବହୁ ଶିଳ୍ପପତି ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସଂଘ ସଭାପତି ସଞ୍ଜୟ କୁମାର ଦାସ ସଭା ପରିଚାଳନା କରିଥିଲେ। ବକ୍ତାମାନେ କହିଥିଲେ ଯେ, ଅମିତ୍ ଏକାଧାରରେ ଜଣେ ଶିଳ୍ପପତି, ଉପଦେଷ୍ଟା, ମାର୍ଗଦର୍ଶକ, ସମାଜସେବୀ ଥିଲେ। ଶିଳ୍ପ ଓ ଶିକ୍ଷାରେ କିପରି ବାଲେଶ୍ୱରର ଉନ୍ନତି ହୋଇପାରିବ ସେ ସର୍ବଦା ଚେଷ୍ଟା କରିଆସୁଥିଲେ। ତାଙ୍କର ରେମୁଣାରେ ଥିବା 'ଓରିପୋଲ ଇଣ୍ଡଷ୍ଟ୍ରି' ଓଡ଼ିଶାର ଗୋଟିଏ ସୁନାମଧନ୍ୟ ଶିଳ୍ପ ଉଦ୍ୟୋଗ ଅଟେ। ବାଲେଶ୍ୱରର ଲ୍ୟାଣ୍ଡ ମାର୍କ ଭାବେ ପରିଗଣିତ ବାମପଦାଠାରେ ଥିବା ନୋସି ଇନଫ୍ରାଷ୍ଟ୍ରକ୍ଚର ତାଙ୍କ ପ୍ରଚେଷ୍ଟାରେ ଗଢ଼ି ଉଠିଥିଲା। ସେହିଭଳି ବାଲେଶ୍ୱର କ୍ଲବ, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପାଠ୍ୟକ୍ରମ ଆଣିବା ତାଙ୍କ ପ୍ରଚେଷ୍ଟା ଅତୁଳନୀୟ। ବାଲେଶ୍ୱର ଉନ୍ନତି ପାଇଁ ବହୁ ସ୍ୱପ୍ନ ଦେଖିଥିଲେ। ମାତ୍ର ୫୭ବର୍ଷରେ ତାଙ୍କର ପରଲୋକ ହୋଇଗଲା। ସଭାରେ ସୁନୀଲ ମୋଦି, ବିଷ୍ଣୁ ମାରୁ, ବିଶ୍ରାମ ପଟେଲ, ରାଜେନ୍ଦ୍ର ଗୁପ୍ତା, ସଂଗ୍ରାମ ଦାସ, ଶ୍ୟାମ ସୁନ୍ଦର ମିଶ୍ର, ଅୟନ ସେନ, ପ୍ରଦୀପ୍ତ କୁମାର ପଣ୍ଡା, ରାଜେଶ ଖଣ୍ଡେଲୱାଲ, ଶିବୁ ପୋଦାର, ସୌରଭ ବେହେରା, ଦେବାଶିଷ ଦାସ, ଦୀନେଶ ଜୈଶ୍ୱାଲ, ଚନ୍ଦ୍ରପ୍ରକାଶ ଭରତିଆ, ପୀତବାସ ବେହେରା, ଜୟନ୍ତ କୁମାର ବେହେରା, ମନୋଜ କୁମାର ପାଢ଼ୀ, ହରିଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ଶୋକସଭାରେ ଯୋଗଦେଇଥିବା ଶିଳ୍ପପତି ଓ ବିଶିଷ୍ଟ ବ୍ୟକ୍ତି।

## ଉତ୍କଳମଣିଙ୍କ କର୍ମଭୂମିରେ ଜୟନ୍ତୀ ପାଳିତ

## ଯୁବପିଢ଼ି ଗୋପବନ୍ଧୁଙ୍କ ପଥ ଅନୁସରଣ କରିବା ଉଚିତ

କେନ୍ଦୁଝର,୯।୧୦(ସ୍ୱ.ପ୍ର.)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କର୍ମଭୂମି ବିଚ୍ଛିନ୍ନାଞ୍ଚଳ ଚକ୍ରଧରପୁରରେ ଓଡ଼ିଆ ସମାଜ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଆ ସମାଜସେବୀ ଦାନ୍ତିବେଗନା ନିବାସୀ ରଣଜିତ ପ୍ରଧାନ, ମୁଖ୍ୟ ବକ୍ତା କେରା ଗାଁର ଓଡ଼ିଆ କବି ମୋତିଲାଲ କର, ବିଶିଷ୍ଟ ଅତିଥି ଦେଓଗାଁ ନିବାସୀ ହୀରାଲାଲ ପ୍ରମାଣିକ, ସମ୍ମାନିତ ଅତିଥି କୁଚାଇ ନିବାସୀ ଈଶ୍ୱରୀ ପ୍ରଧାନ, କୁଡେିକଳା ନିବାସୀ ବନମାଳୀ ମଣ୍ଡଳ, ବାରଖୋଲିର ମହେନ୍ଦ୍ର ବେହେରା, ହରିଜନ ବସ୍ତିର କଳ୍ପ ମହାନନ୍ଦ ପ୍ରମୁଖ ବୟୋଜ୍ୟେଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। ଅତିଥିମାନେ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ, କାର୍ଯ୍ୟାବଳୀକୁ ମନେ ପକାଇବା ସହ ଗରିବଙ୍କ ପାଇଁ ତାଙ୍କର ଶ୍ରଦ୍ଧା, ଓଡ଼ିଆ ଭାଷାର ସୁରକ୍ଷା ପାଇଁ କାମକୁ ବର୍ଣ୍ଣନା କରି ଯୁବପିଢ଼ି ତାଙ୍କର ପଥ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ।

ପ୍ରଥମେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ୱଳନ, ବନ୍ଦେ ଉତ୍କଳ ଜନନୀ ଗାନ ଓ ଉତ୍କଳମଣିଙ୍କ ବିଷୟରେ ଓଡ଼ିଆ କବିତା ପାଠ କରାଯାଇଥିଲା। ଉତ୍କଳ ସମ୍ମିଳନୀର ପଶ୍ଚିମ ସିଂହଭୂମିର ସଭାପତି ପ୍ରଦୀପ୍ତ ଦାସ, ଉପସଭାପତି ଚିରଞ୍ଜୀବୀ ପ୍ରଧାନ, ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡର ସଭାପତି ପ୍ରଫେସର ଡ. ନାଗେଶ୍ୱର ପ୍ରଧାନ, ଓଡ଼ିଆ ଆସୋସିଏଶନ ଦକ୍ଷିଣ ପୂର୍ବ ରେଳବାଇ ସଭାପତି ଚିତ୍ତରଞ୍ଜନ ମହାଲି, ସନାତନ ବିନ୍ଧାଣି, ଉତ୍କଳମଣି ବିଦ୍ୟାମନ୍ଦିର ଉଚ୍ଚ ବିଦ୍ୟାଳୟର ସମ୍ପାଦକ ପ୍ରଣବ ମିଶ୍ର, ପ୍ରଧାନଶିକ୍ଷକ ସୁଶାନ୍ତ ମହାନ୍ତି ପ୍ରମୁଖ ଓଡ଼ିଆ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଷଢ଼େଇକଳା ଖରସୁଆଁ ଉତ୍କଳ ସମ୍ମିଳନୀ କମିଟି ଏବଂ ଆଦର୍ଶ ସେବାସଂଘ ତରଫରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଦିବସ ପାଳନ କରାଯାଇଛି।

## ପାଣି ସୁଅରେ ଭାସି କଳାକାରଙ୍କ ମୃତ୍ୟୁ

ସୋର, ୯।୧୦(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ବୃନ୍ଦାଦେଇପୁର ଗ୍ରାମର କଳାକାର ନାରାୟଣ ନାୟକ (୭୫) ଶନିବାର ପାଣି ସୁଅରେ ଭାସି ଯାଇ ପ୍ରାଣ ହରାଇଛନ୍ତି। ସେ ନିକଟସ୍ଥ କୁମ୍ଭୀ ବଜାରକୁ ସଉଦା ପାଇଁ ଆସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ଏହି ସମୟରେ ଗ୍ରାମ ନିକଟରେ ଥିବା କେନାଲରେ ନାରାୟଣଙ୍କ ଗାମୁଛା ଏକ ଗଛରେ ଲାଗିଥିବା ଦେଖି ପରିବାର ଲୋକେ ଖୋଜାଖୋଜି କରିଥିଲେ। ନାରାୟଣଙ୍କୁ କେନାଲର କିଛି ଦୂରରେ ଭାସମାନ ଅବସ୍ଥାରେ ପାଇ ତୁରନ୍ତ ସୋର ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାରାୟଣ ଗୀତ ଗାଇବା ସହିତ ମୃଦଙ୍ଗ, ଖଞ୍ଜଣୀ ଏବଂ ଦାସକାଠିଆ ବାଦକ ଭାବେ ସୋର ଅଞ୍ଚଳରେ ସୁପରିଚିତ ଥିଲେ।

## ଗୋପବନ୍ଧୁ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବାଲେଶ୍ୱର ଅଫିସ, ୯।୧୦

ବାଲେଶ୍ୱର ଷ୍ଟେଶନଛକସ୍ଥିତ ଗୋପବନ୍ଧୁ ପାର୍କରେ ରବିବାର ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ଜିଲା ସଂଯୋଜକ ଆଇନଜୀବୀ ଜ୍ୟୋତିପ୍ରକାଶ ବାରିକଙ୍କ ନେତୃତ୍ୱରେ ୧୪୫ତମ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥି ଭାବେ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଓ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ସାମ୍ମୁଖ୍ୟର କଳାକାରମାନେ ସଂକୀର୍ତ୍ତନର ତାଳେ ତାଳେ ରାମଧୁନ ପରିବେଷଣ କରିଥିଲେ। ବିଜେଡିର ନେତୃବୃନ୍ଦ ପୌରାଧକ୍ଷା ସବିତା ସାହୁ, ବିଜୁ ମହିଳା ଜନତା ଦଳ ଉପ-ସଭାପତି ତଥା କାଉନସିଲର ରଞ୍ଜିତା ମହାପାତ୍ର, କାଉନ୍‌ସିଲର ମୀନା ମହାନ୍ତି, ସମ୍ପାଦିକା ମିନତୀ ସେଠୀ, ଅନୁସୂଚିତ ଜାତିର ଜିଲା ମୁଖ୍ୟ ଶତ୍ରୁଘ୍ନ ମଲ୍ଲିକ, ପୂର୍ବତନ ପୌରାଧକ୍ଷ ଆଲୋକ ସାହୁ, ପୂର୍ବତନ କାଉନ୍‌ସିଲର ଲାବଣ୍ୟବତୀ ବାରିକ ପ୍ରମୁଖ ଯୋଗଦେଇଥିଲେ। ଟାଉନ ସମ୍ପାଦକ ସାବିର ଖାନ, ରେମୁଣା ସଂଯୋଜକ ଶ୍ୟାମସୁନ୍ଦର ଦାସ, ୱାର୍ଡ଼ ସଂଯୋଜକ ରବୀନ୍ଦ୍ର ବେହେରା, ହରପ୍ରିୟା ମହାପାତ୍ର, କାର୍ତ୍ତିକ ଯେନା, ଲକ୍ଷ୍ମୀଧର ମହାଳିକ, ନମ୍ରତା ମହାନ୍ତି ଓ ଦିଲୀପ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି ନେତା ଓ କର୍ମୀ।

## ରଙ୍ଗଡ଼ିହି-ଜଗଦଳା ଶିଳ୍ପାଞ୍ଚଳ ରାସ୍ତା ମରଣଯନ୍ତା

- ଦୈନିକ ଘଟୁଛି ଦୁର୍ଘଟଣା
- ଯାତ୍ରୀବାହୀ ଗାଡ଼ି ଚଳାଚଳ କରିବାକୁ ଚାଳକ ଅମଙ୍ଗ
- କମ୍ପାନୀ ବିରୋଧରେ ଆକ୍ରୋଶ ବଢ଼ୁଛି

କେନ୍ଦୁଝର, ୯।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ବହୁ ଉଦ୍ୟୋଗୀ ଖଣି ଓ ଶିଳ୍ପ ପ୍ରତିଷ୍ଠା କରି ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି, ସରକାରଙ୍କୁ ରାଜସ୍ୱ ଦେଉଛନ୍ତି। ରାଜ୍ୟ ସରକାର କମ୍ପାନୀଗୁଡ଼ିକର ସୁବିଧା ପାଇଁ ବିଶେଷ କରି ଖଣି ଓ ଶିଳ୍ପାଞ୍ଚଳର ଭିତ୍ତିଭୂମିର ବିକାଶ କରିବା ଜରୁରୀ। ପ୍ରଶାସନିକ ଉଦାସୀନତା କାରଣରୁ ଏକାଧିକ କାରଖାନାକୁ ସଂଯୋଗ କରୁଥିବା ବାଂଶପାଳ ବ୍ଲକର ରଙ୍ଗଡ଼ିହି-ଫୁଲଝର, ଝୁମ୍ପୁରା ବ୍ଲକ୍‌ର ଜଗଦଳା ଗୁରୁତ୍ୱପୂର୍ଣ୍ଣ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତା ବାଂଶପାଳ ବ୍ଲକ୍‌ର ଦୁଇଟି ଶିଳ୍ପକୁ ସଂଯୋଗ କରୁଥିବା ବେଳେ ବହୁ ସଂଖ୍ୟାରେ ଗାଡ଼ି କାରଖାନାକୁ ଲୁହାପଥର ଓ ପିଲେଟ୍ ନେବା ଆଣିବା କରିଥାଏ। ନିମ୍ନମାନର ଓ କମ୍ କ୍ଷମତାସମ୍ପନ୍ନ ରାସ୍ତା ନିର୍ମାଣ ଯୋଗୁ ଭାରିଯାନ ଚଳାଚଳରେ ନଷ୍ଟ ହୋଇଯାଉଛି। ଏଥିପାଇଁ ସ୍ଥାନୀୟ ଲୋକଙ୍କ ଆକ୍ରୋଶ କମ୍ପାନୀଗୁଡ଼ିକ ବିରୋଧରେ ବଢ଼ୁଛି।



ଖାଲଖମାରେ ଭର୍ତ୍ତି ଫୁଲଝର ରାସ୍ତା।

ପ୍ରକାଶ ଯେ, ଦୀର୍ଘ ୨୮ କିଲୋମିଟର ରାସ୍ତା ଉପରେ ବାଂଶପାଳ ଓ ଝୁମ୍ପୁରା ବ୍ଲକ୍‌ର ୧୦ ପଞ୍ଚାୟତର ଲୋକ ନିର୍ଭର କରନ୍ତି। ରାସ୍ତାରେ ଫୁଲଝର, ଅଁରାରେ ଥିବା ୨ଟି କାରଖାନାର ଭାରିଯାନ ଚଳାଚଳ କରୁଛି। ନିମ୍ନମାନର ଓ ଭାରିଯାନ ଚଳାଚଳକୁ ଦେଖି ରାସ୍ତା ନିର୍ମାଣ ହୋଇ ନ ଥିବାରୁ ରାସ୍ତା ଭାଙ୍ଗି ଶୋଚନୀୟ ହୋଇପଡ଼ିଛି। ବାଇକ୍ ଓ ସାଇକେଲରେ ଯିବା ଆସିବା କରୁଥିବା ଅଞ୍ଚଳବାସୀ ପ୍ରାୟ ସବୁଦିନ ଖାଲଖମାରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଡିଏମ୍‌ଏଫ୍ ଅର୍ଥରେ ପୂର୍ତ୍ତ ବିଭାଗ ଏହାର ନିର୍ମାଣ କରୁଥିଲେ ହେଁ କମ୍ ଦିନରେ ଭାଙ୍ଗିଯାଉଛି। ପ୍ରାୟ ୧୬ କି.ମି. ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଯାତ୍ରୀବାହୀ ଗାଡ଼ି ନେଇ ଯିବାକୁ ମଧ୍ୟ ଡ୍ରାଇଭରମାନେ ଅମଙ୍ଗ ହେଉଛନ୍ତି। ଫଳରେ ସ୍ଥାନୀୟ ଲୋକମାନେ ଯାତାୟାତ କରିବାରେ ବହୁ ଅସୁବିଧା ଭୋଗ କରୁଛନ୍ତି। ବର୍ଷାଦିନରେ ରାସ୍ତାରେ ଥିବା ବଡ଼ବଡ଼ ଗର୍ତ୍ତରେ ପାଣି ଜମି ବିପଦକୁ ଆମନ୍ତ୍ରଣ କରୁଛି। ଖରାଦିନରେ ଧୂଳିଧୂଆଁ ଉଡ଼ି ଗାଁ ଗଣ୍ଡାରେ ପ୍ରଦୂଷଣ ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ସ୍ଥାନୀୟ ଲୋକେ ପ୍ରତିବାଦ କଲେ ରାସ୍ତା ମରାମତି ହେଉଛି ସତ ମାତ୍ର ତାହା ଅଳ୍ପଦିନରେ ପୁଣି ଭାଙ୍ଗି ପୂର୍ବାବସ୍ଥା ହୋଇଯାଉଛି। ରାସ୍ତାକୁ ଉଚ୍ଚ କ୍ଷମତାସମ୍ପନ୍ନ ତଥା ସୁଦୃଢ଼ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳର ସମିତି ସଭ୍ୟ ସୁରେଶ ବାରିକ, ୱାର୍ଡ ମେମ୍ବର ଶୁକଦେବ ନାୟକ, ରାମ ନାୟକ, ବାବନ ନାୟକ, ଇନ୍ଦ୍ରମଣି ନାୟକ, ନବ ନାୟକ, ଶୈଳ ନାୟକ, ନୀଳାମ୍ବର ନାୟକ, ମଦନ ମୁଣ୍ଡା, ଆଇରା ମୁଣ୍ଡା, ଶ୍ରାବଣୀ ନାୟକ, ତ୍ରିବେଣୀ ନାୟକ, ତରି ନାୟକଙ୍କ ସମେତ ଆଖପାଖ ଅଞ୍ଚଳର ଲୋକ ଦାବି କରିଛନ୍ତି।

